## କେନ୍ଦୁଝର : ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ:
## ଫଟୋ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା :
## ଗାଇଡ୍ ଲାଇନ୍ ଅନୁଯାୟୀ ପ୍ରକ୍ରିୟା ଶେଷ କରିବା ଉପରେ ଗୁରୁତ୍ୱାରୋପ



କେନ୍ଦୁଝର, ତା ୧.୧୨. ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ଡଃ ସି.ଏସ୍. କୁମାର ଚଳିତ ତା ୦୧.୧୨.୨୦୧୮ରିଖ ଦିନ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଫଟୋ ଭୋଟର ତାଲିକା ୨୦୧୯ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ଏବଂ ଗାଇଡ୍‌ଲାଇନସ୍ ଅନୁଯାୟୀ ସଠିକ୍ ଭାବେ ଏହି ପ୍ରକ୍ରିୟା ସଂପନ୍ନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶନିବାର ଅପରାହ୍ନ ୪ ଘଟିକା ସମୟରେ ଦରବାର ହଲଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକ୍‌ରେ ପ୍ରମୁଖ ଶାସନ ସଚିବଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଫଟୋ ଭୋଟର ତାଲିକା ୨୦୧୯ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ଅବଗତ କରାଇଥିଲେ । ଏହାପରେ ପ୍ରମୁଖ ଶାସନ ସଚିବ ଗତ ଅକ୍ଟୋବର ୪ ତାରିଖ ଦିନ କରିଥିବା ସମୀକ୍ଷା ଉପରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ପୁନଃ ସମୀକ୍ଷା କରିଥିଲେ । ସମସ୍ତ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସାବାଳକ ଭିନ୍ନକ୍ଷମମାନେ ଭୋଟର ତାଲିକାରୁ ଯେପରି ବାଦ ନପଡନ୍ତି ସେଥିପାଇଁ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଦିବ୍ୟାଙ୍ଗ ଭୋଟରମାନଙ୍କର ଚିହ୍ନଟ ଓ ସେମାନଙ୍କୁ ଭୋଟର ତାଲିକାରେ ଅର୍ନ୍ତଭୁକ୍ତ କରିବା, ସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟମାନଙ୍କରେ ଭିନ୍ନକ୍ଷମମାନଙ୍କ ପାଇଁ ର୍‍ୟାମ୍ପ ନିର୍ମାଣ ସଂପର୍କରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିବା ସହିତ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କର ଚିହ୍ନଟ ପ୍ରକ୍ରିୟା ସଂପର୍କରେ ଅବଗତ ହେବା ସହ ବାକି ରହିଯାଇଥିବା ଦିବ୍ୟାଙ୍ଗମାନଙ୍କ ଚିହ୍ନଟ ସହିତ ସରକାରଙ୍କ ବିଭିନ୍ନ ଯୋଜନାରେ ଉପଲବ୍ଧ ସୁବିଧା ସୁଯୋଗ କିପରି ପାଇପାରିବେ ସେଥିପାଇଁ ଯୋଜନାବଦ୍ଧ ଭାବେ ଶିବିର ଆୟୋଜନ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭୋଟର ତାଲିକା ୨୦୧୯ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ପ୍ରସ୍ତୁତି, ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କର କାର୍ଯ୍ୟ ସମୀକ୍ଷା, ଭୋଟର ତାଲିକାରେ ଯୋଗ, ବିଯୋଗ, ସଂଶୋଧନ ଓ ବୁଥ୍ ପରିବର୍ତନ ପାଇଁ ମିଳିଥିବା ନିର୍ଦ୍ଧାରିତ ଫର୍ମଗୁଡିକ ଉପରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ମିଳିଥିବା ଆପତି ଅଭିଯୋଗଗୁଡିକର ଫଇସଲାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ଅତିରିକ୍ତ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ ଅଫିସର, ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ ଅଫିସର ଓ ନିର୍ବାଚନ ଅଧିକାରୀଙ୍କସ୍ତରରେ ତନଖି କାର୍ଯ୍ୟ ସଂପର୍କରେ ପ୍ରମୁଖ ଶାସନ ସଚିବ ସମୀକ୍ଷା କରି ତନଖି ପ୍ରକ୍ରିୟାବେଳେ କାଗଜାତ୍‌ରେ ସହଯୋଗୀ ଅଧିକାରୀ/ କର୍ମଚାରୀଙ୍କ ସ୍ୱାକ୍ଷର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଡିସେମ୍ବର ୧୫ ତାରିଖ ସୁଦ୍ଧା ମିଳିଥିବା ଦାବି, ଆପତି ଅଭିଯୋଗଗୁଡିକର ଫଇସଲା କରିବା ପାଇଁ ସଂପୃକ୍ତ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ ଅଫିସରମାନେ ପ୍ରକ୍ରିୟାକୁ ସୁଗମ ଓ କ୍ରିୟାଶୀଳ କରିବା ନିମନ୍ତେ ଦୈନିକ ମନିଟରିଂ କରିବା ସହିତ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍ ଦେଖିବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ସପ୍ତାହରେ ଜିଲ୍ଲାପାଳ ବିଡିଓମାନଙ୍କ ସହିତ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ନିର୍ଭୁଲ୍ ଭାବେ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଭୋଟର ତାଲିକାରେ ବିଯୋଗ ପାଇଁ ମିଳିଥିବା ଦରଖାସ୍ତଗୁଡିକୁ ଯଥାଯଥ ତଦନ୍ତ ପୂର୍ବକ ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମର ଅନ୍ୟାନ୍ୟ ଦିଗ ଉପରେ ସମୀକ୍ଷା କରି ପ୍ରମୁଖ ଶାସନ ସଚିବ ଡଃ ସି.ଏସ୍. କୁମାର ନିୟୋଜିତ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠା ଓ ସତର୍କତା ଅବଲମ୍ବନ କରି ନିର୍ଭୁଲ୍ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସଂପର୍ଣ୍ଣ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । କୌଣସି ତୃଟି ରହିଲେ ସଂପୃକ୍ତ ଅଧିକାରୀ / କର୍ମଚାରୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇଦେଇଥିଲେ । ସୂଚନାଯୋଗ୍ୟ ଯେ ଭୁବନେଶ୍ୱରରୁ କେନ୍ଦୁଝର ଆସିବା ରାସ୍ତାରେ ପ୍ରମୁଖ ଶାସନ ସଚିବ ଘଷିପୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ବିରଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଥିବା ବୁଥ୍ ଏବଂ ଗଦାଧରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ବୁଥ୍ ପରିଦର୍ଶନ କରି ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଓ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ତଦାରଖ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଭକ୍ତଚରଣ ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ପାରୁଲ ପଟ୍ଟାୱାରୀ, କେନ୍ଦୁଝର ଉପଜିଲ୍ଲାପାଳ ସୋମନାଥ ପ୍ରଧାନ, ଆନନ୍ଦପୁର ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ସାହୁ, ଡେପୁଟି କଲେକ୍ଟର ନିର୍ବାଚନ ରାମଚନ୍ଦ୍ର କିସ୍କୁଙ୍କ ସମେତ ଜିଲ୍ଲାର ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ନିର୍ବାଚନ ସହିତ ସଂପୃକ୍ତ କର୍ମଚାରୀ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର